## ଉଚ୍ଚ ବିଦ୍ୟାଳୟରେ ନାହିଁ ହଷ୍ଟେଲ, ସମସ୍ୟା ଭୋଗୁଛନ୍ତି ଛାତ୍ରୀଛାତ୍ର

- ୬୪୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି
- କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ଗସ୍ତ ସମୟରେ ଜଣାଇଲେ
- କୌଣସି ପ୍ରଶାସନିକ ଅଧିକାରୀଙ୍କ ଚିନ୍ତା ନାହିଁ

ପଟ୍ଟାଙ୍ଗି,୮।୭(ଶରତ ଧଳ)

ଶିକ୍ଷା ପ୍ରତି କିପରି ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବାକୁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପ୍ରାଥମିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ୫-ଟିରେ ରୂପାନ୍ତର କରି ବିଦ୍ୟାଳୟକୁ ଉନ୍ନତ ମାନର ଶିକ୍ଷା ପାଠ୍ୟପୋକରଣ ଯୋଗାଇ ଦେଉଛନ୍ତି। ତେବେ ଉଚ୍ଚଶିକ୍ଷା ଲାଭ କରୁଥିବା ଛାତ୍ରୀଛାତ୍ର କିପରି ସରକାରଙ୍କ ବିଭିନ୍ନ ଯୋଜନାରୁ ଉପକୃତ ହେବେ ସେଥିପ୍ରତି ସରକାର ଦୃଷ୍ଟି ଦେଉ ନ ଥିବା ଆଦିବାସୀ ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମାରେ ଥିବା ପୁରାତନ ବିଦ୍ୟାଳୟ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହଷ୍ଟେଲ ସୁବିଧା ନ ଥିବାରୁ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏହି ବିଦ୍ୟାଳୟ ୧୯୯୪ରେ ପ୍ରଥମେ ୫୬ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଆରମ୍ଭ ହୋଇଥିଲା। ବର୍ତ୍ତମାନ ଏହି ଉଚ୍ଚ ବିଦ୍ୟାଳୟରେ ପ୍ରଥମ ଓ ଦ୍ୱିତୀୟ ବର୍ଷରେ ୬୪୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏତେ ସଂଖ୍ୟକ ଛାତ୍ରୀଛାତ୍ର ଅଧ୍ୟନ କରୁଥିବା ଏହି ବିଦ୍ୟାଳୟରେ ଏଯାଏ ହଷ୍ଟେଲ ବ୍ୟବସ୍ଥା ନାହିଁ । ଫଳରେ ଦୁର ଦୂରାନ୍ତରରୁ ଆସିବାରେ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେମାନେ ଠିକ୍ ସମୟରେ ବିଦ୍ୟାଳୟରେ ପହଞ୍ଚି ପାଠ ପଢ଼ିବାରେ ବଞ୍ଚିତ ହେଉଛନ୍ତି । ଏହି ପୁରାତନ ବିଦ୍ୟାଳୟରେ ଏପରି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏଥିପ୍ରତି କୌଣସି ପ୍ରଶାସନିକ ଅଧିକାରୀଙ୍କ ଏଯାଏ ଦୃଷ୍ଟି ନ ପଡ଼ିବା ପରିତାପର ବିଷୟ ବୋଲି ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ କହିଛନ୍ତି। ୫ ତାରିଖରେ କୋରାପୁଟ ଜିଲାକୁ ଜିଲ୍ଲା ଗସ୍ତରେ ଆସିଥିବା କେନ୍ଦ୍ର ଆଦିବାସୀ ଜନକଲ୍ୟାଣ ତଥା ଜଳ ଶକ୍ତି ମନ୍ତ୍ରୀ ବିଶେଶ୍ୱର ଟୁଡୁ ପଟ୍ଟାଙ୍ଗି ବ୍ଲକର ଚିନ୍ତାଲଗୁଡା ଗ୍ରାମ ଗସ୍ତ କରିବା ଅବସରରେ ଉକ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମନ୍ତ୍ରୀଙ୍କୁ ଅଟକାଇ ସେମାନଙ୍କ ବିଦ୍ୟାଳୟରେ ହଷ୍ଟେଲ ନ ଥିବା ଏବଂ ଏନେଇ ସେମାନଙ୍କ ହେଉଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ। ଏହି ସମୟରେ ବିଦ୍ୟାଳୟ ଅଧ୍ୟକ୍ଷ ରାମକୃଷ୍ଣ ସାମଲଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ଲକର କୋଟିଆ,ପୁକାଲି, ସମ୍ପାଇ, ଅମ୍ବାବାଲି, ତଳଗୋଲୁର, ସୁଙ୍କି, ପେଟୁରୁ ଆଦି ପଞ୍ଚାୟତ ସହ ପଡୋଶୀ ଶିମିଳିଗୁଡା ଓ ନନ୍ଦପୁର ବ୍ଲକର ଛାତ୍ରୀଛାତ୍ରମାନେ ଅଧ୍ୟନ କରୁଛନ୍ତି।


ବିଦ୍ୟାଳୟରେ ହଷ୍ଟେଲ ନ ଥିବା ସମ୍ପର୍କରେ ବିଦ୍ୟାଳୟ ପକ୍ଷରୁ ଅବଗତ କରାଯାଉଛି।

## ସଂକ୍ଷେପରେ

### ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବୈଠକ



କୋରାପୁଟ,୮।୭(ଅମିତାଭ ବେହେରା )- ଚନ୍ଦନପୋଖରୀ ନିକଟରେ ଶନିବାର କୋରାପୁଟ ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସାଧାରଣ ସମ୍ପାଦକ ଭଗବାନ ନାହାକଙ୍କ ଅଧ୍ୟକ୍ଷତାରେହୋଇଥିବା ଏହି ବୈଠକରେ ସଂଘର ୮ ଟି ଦାବି ଉପରେ ଆଲୋଚନା ହୋଇଥିଲା। ବସ୍ ଓ ଟ୍ରେନରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ରିହାତି ଦେବା, ସେମାନଙ୍କୁ ଚିକିତ୍ସା ଭତ୍ତା ଦେବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ସେମାନଙ୍କର ଅନ୍ୟାନ୍ୟ ଦାବି ମଧ ରହିଛି। ସରକାର ସେମାନଙ୍କ ଦାବି ପୂରଣ ନ କଲେ ଆସନ୍ତା ନିର୍ବାଚନରେ ସରକାରୀ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେବେ ନାହିଁ ବୋଲି ବୈଠରେ ନିଷ୍ପତ୍ତି ହୋଇଥିଲା। ସୁଧାକର ପଟ୍ଟନାୟକ, ଦୁର୍ଗା ମାଧବ ପଟ୍ଟନାୟକ, ତ୍ରିନାଥ ଗୁରୁ, ସୂର୍ଯ୍ୟ ପ୍ରକାଶ ଯାଦବ, ବସନ୍ତ ପଣ୍ଡା, ଗୋବିନ୍ଦ ଚନ୍ଦ୍ର ସାମଲଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ରହି ନିଜ ମତ ରଖିଥିଲେ।

### ଜିଲାସ୍ତରୀୟ ଲୋକ ଅଦାଲତରେ ଫଇସଲା ହେଲା ୧୭୪ ମାମଲା

ଜୟପୁର,୮।୭ (ପବନ ପାଣିଗ୍ରାହୀ )- ଜାତୀୟ ଆଇନସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶରେ ଶନିବାର ଜିଲା ଆଇନ ସେବା ପ୍ରାଧିକରଣ କୋରାପୁଟ-ଜୟପୁର ପକ୍ଷରୁ କୋରାପୁଟ, ବୋରିଗୁମ୍ମା, ଲକ୍ଷ୍ମୀପୁର, ସେମିଳିଗୁଡାର, ଲମତାପୁଟର ବିଭିନ୍ନ ଅଦାଲତରେ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ପଡିରହିଥିବା ବିଭିନ୍ନ ମାମଲାର ସମାଧାନ ହୋଇଛି। ଜିଲା ବିଚାରଳୟ ପରିସରରେ ଏହା ଦ୍ୱିତୀୟ ଜିଲା ସ୍ତରୀୟ ଲୋକ ଅଦାଲତ। ଏଥିରେ ସବୁ ପ୍ରକାରର ବିଚାରାଧୀନ ମକଦ୍ଦମା ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ପାରିବାରିକ ବିବାଦ ମାମଲା, ଏନଆଇ ଆକ୍ଟର ୧୩୮ ମାମଲାର ଆପୋଷ ସହମତିରେ ସମାଧାନ କରାଯାଇଛି। ଏହି ଜିଲାସ୍ତରୀୟ ଲୋକ ଅଦାଲତରେ ଜିଲା ଦୌରାଜଜ୍ ସତ୍ୟ ନାରାୟଣ ମିଶ୍ର, ସ୍ୱତନ୍ତ୍ର ବିଚାରପତି ଭିଜିଲାନ୍ସ ରାଜେଶ ଏକ୍କା, ପରିବାର ଅଦାଲତର ବିଚାରପତି ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଜିଲା ଓ ଦୌରାଜଜ୍ ସି.ଏଚ. ବାସୁଦେବ ପାତ୍ର, ମୁଖ୍ୟ ବିଚାରବିଭାଗୀୟ ଦଣ୍ଡାଦିକାରୀ ଦିଲୀପ ସାହୁ, ସିଭିଲ୍ କୋର୍ଟ ରେଜିଷ୍ଟ୍ରାର୍ ବିଷ୍ଣୁ ପ୍ରାସାଦ ଦେବତା, ବରିଷ୍ଠ ଦେୱାନୀ ବିଚାରପତି ରେଖାରାଣୀ ପଣ୍ଡା, ବିଚାରପତି ଅଞ୍ଜଲି ମାଛଖଣ୍ଡ, ସଚିବ ସୁମନ ଜେନା, ଏସ୍‌ଡିଜେଏମ୍ ସନ୍ତୋଷ ବାରିକ ଓ ଆଦର୍ଶ ବେହେରା ଉପସ୍ଥିତ ରହି ମକଦ୍ଦମାଗୁଡିକର ସମାଧାନ କରିଥିଲେ। ଜୟପୁର ଓକିଲ ସଂଘର ବରିଷ୍ଠ ଆଇନ୍ ଜୀବୀ ଶଶାନନ୍ଦ ମିଶ୍ର, ତ୍ରିନାଥ ସିଂ ଲାଲ୍, ଜେ.ସତ୍ୟ ନାରାୟଣ ଆଚାରୀ, ମନୋଜମାଳା ଦୀନବନ୍ଧୁ, ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ମାମଲା ଫଇସଲାରେ ସହଯୋଗ କରିଥିଲେ। ଏହି ଲୋକ ଅଦାଲତରେ ସମୁଦାୟ ୧୭୪ ମକଦ୍ଦମାର ଫଇସଲା କରାଯାଇଥିଲା। ଏଥିରୁ ୮ ଗୋଟି ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲା, ୮ ପାରିବାରିକ ବିବାଦ ଓ ଅନ୍ୟାନ୍ୟ ବିବାଦ ଫଇସଲା କରାଯାଇ ୧ କୋଟି ୪୩ ଲକ୍ଷ ୯୦ ହଜାର ୪ଶହ ଟଙ୍କା ଆଦାୟ କରାଯାଇଥିଲା।

## ହଷ୍ଟେଲରେ ବେହୋସ ହୋଇଥିବା ଛାତ୍ରଙ୍କ ମୃତ୍ୟୁ

### ଥାନାରେ ଏତଲା ଦେଲେ ପ୍ରଧାନ ଶିକ୍ଷକ

ବାଲିମେଲା,୮।୭(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅଧୀନ କୁଡୁମୁଲୁଗୁମ୍ମା ସଦର ମହକୁମାସ୍ଥିତ ଆବାସିକ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ଘଟିଛି। ଆବାସିକ ବିଦ୍ୟାଳୟରେ ରହି ପାଠ ପଢୁଥିବା ଦ୍ୱିତୀୟ ଶ୍ରେଣୀର ଛାତ୍ର ଗୁରୁ ଶିଶାଙ୍କୁ ଫିଟସ୍ ମାରିବାରୁ ଶୁକ୍ରବାର ସନ୍ଧ୍ୟାରେ ସେ ବେହୋସ ହୋଇଯାଇଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତି ପ୍ରାୟ ୯.୩୦ମିନିଟ୍‌ରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ କୁମାର ଗଣ୍ଡ ଓର୍କେଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ମିଳିଥିବା ସୂଚନା ଅନୁଯାୟୀ, ମାଲକାନଗିରି ଜିଲା ବିଭିନ୍ନ ଅଞ୍ଚଳର ପିଲାମାନେ ଏହି ଆବାସିକ ବିଦ୍ୟାଳୟରେ ରହି ପାଠ ପଢୁଛନ୍ତି। କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତର ଦାମୋଦରବେଡା ଗ୍ରାମର ରାଜୁ ଶିଶାଙ୍କ ୮ ବର୍ଷର ପୁଅ ଗୁରୁ ଶିଶା ଉକ୍ତ ବିଦ୍ୟାଳୟର ହଷ୍ଟେଲ ରହି ୨ ଶ୍ରେଣୀରେ ପାଠ ପଢୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ତାଙ୍କୁ ଫିଟସ ମାରିବାରୁ ସେ ବେହୋସ ହୋଇଯାଇଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା କରବା ପରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ୯.୩୦ମିନିଟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଥାନା ଅଧିକାରୀ ରଘୁନାଥ ମାଝୀଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଟିମ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଶରୀର ଜବତ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବା ଏ ଏସଆଇ ବିଭୁତି ଭୂଷଣ ସୁତାର କହିଛନ୍ତ।

## ଖଟିଆରେ ବୁହାହେଲେ ଗର୍ଭବତୀ

ଗୁଡ଼ାରି,୮।୭ (ପ୍ରମୋଦ କୁମାର ପତି)

ଗାଁକୁ ଆମ୍ବୁଲାନ୍ସ ନ ଯିବାରୁ ଜଣେ ଆସନ୍ନ ପ୍ରସବ ମହିଳାଙ୍କୁ ଖଟିଆରେ ପ୍ରାୟ ୪ କିମି ରାସ୍ତା ବୋହିକି ନେଇ ମାନବିକତାର ପରିଚୟ ଦେଇଛନ୍ତି ଆମ୍ବୁଲାନ୍ସ ଡ୍ରାଇଭର ଡି.ସୁରେଶ। ଏପରି ଘଟଣା ଦେଖିବାକୁ ମିଳିଛି ଗୁଡ଼ାରି ବ୍ଲକ ଅନ୍ତର୍ଗତ ମଧୁବନ ପଞ୍ଚାୟତର ଜିମାରାଓ ଗ୍ରାମରେ। ଶନିବାର ସକାଳେ ଜିମାରାଓ ଗ୍ରାମର ମହିଳା ସୁଭଦ୍ରା ଜାଗରଙ୍ଗାଙ୍କୁ ପ୍ରସବଜନିତ ଯନ୍ତ୍ରଣା ହେବାରୁ ପରିବାର ଲୋକେ ୧୦୮ ଜନନୀ ଆମ୍ବୁଲାନ୍ସକୁ କଲ୍ କରିଥିଲେ। ଖବରପାଇ ଗୁଡ଼ାରିରୁ ଡି. ସୁରେଶ ଆମ୍ବୁଲାନ୍ସ ଧରି ଯାଇଥିଲେ। କିନ୍ତୁ ବର୍ଷା ଯୋଗୁ ରାସ୍ତା ଖରାପ ଥିବାରୁ ଆମ୍ବୁଲାନ୍ସ ପ୍ରାୟ ୩ କିମି ଦୂର କିତାଡାମରେ ରହିଯାଇଥିଲା। ସୁଭଦ୍ରାଙ୍କୁ ଜିମାରାଓ ଗ୍ରାମବାସୀ ସ୍ଥାନୀୟ ଆଶା କର୍ମୀଙ୍କ ସହଯୋଗରେ ଖଟିଆ ଯୋଗେ କିତାଡାମ ଅଣାଯାଇଥିଲା। ଏହି ସମୟରେ ଆମ୍ବୁଲାନ୍ସ ଡ୍ରାଇଭର ସୁରେଶ ମଧ ଖଟିଆ ବୋହିବାରେ ସେମାନଙ୍କୁ ସହଯୋଗ କରିଥିଲେ। ମେଡିକାଲକୁ ଯିବା ବାଟରେ ନାଉଲି ଗାଁ ନିକଟରେ ଆମ୍ବୁଲାନ୍ସ ଭିତରେ ସୁଭଦ୍ରା ଏକ କନ୍ୟାସନ୍ତାନ ଜନ୍ମ ଦେଇଛନ୍ତି। ପରେ ଉଭୟଙ୍କୁ ଗୁଡ଼ାରି ହସ୍ପିଟାଲ ଅଣାଯାଇଥିଲା। ସୂଚନା ମୁତାବକ ଉଭୟ ମା ଓ ଶିଶୁ ସୁସ୍ଥ ଥିବା ଜଣାଯାଇଛି। ଗର୍ଭବତୀଙ୍କୁ ଖଟିଆରେ ବୋହକି ଆଣିବାରେ ସହଯୋଗ କରିଥିବାରୁ ଆମ୍ବୁଲାନ୍ସ ଡ୍ରାଇଭର ସୁରେଶଙ୍କୁ ପ୍ରଶଂସା କରାଯାଇଛି।


ଗର୍ଭବତୀଙ୍କୁ ଖଟିଆରେ ବୋହି ଅଣାଯାଉଛି।

### ବନ ମହୋତ୍ସବ

ଜୟପୁର, ୮।୭ (ପବନ ପାଣିଗ୍ରାହୀ)

ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଶନିବାର ବନ ମହୋତ୍ସବ ପାଳନ କରାଯାଇଛି। ଉପ ଜିଲାପାଳ ବେଦବର ପ୍ରଧାନ ଓ କର୍ମଚାରୀମାନେ ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। ରୋପଣ କରାଯାଇଥିବା ଚାରାର ଯତ୍ନ ନେବାକୁ ଉପଜିଲାପାଳ ପ୍ରଧାନ ପରାମର୍ଶ ଦେଇଥିଲେ।

## କାଙ୍ଗୁରୁକୋଣ୍ଡା ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

କାଲିମେଲା,୮।୭(ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ବ୍ଲକ କାଙ୍ଗୁରୁକୋଣ୍ଡା ପଞ୍ଚାୟତସ୍ଥିତ କସ୍ତୁରବା ଗାନ୍ଧୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଅବସରରେ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରଧାନ ଶିକ୍ଷୟିତ୍ରୀ ଯଶ୍ମିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ଚାରାରୋପଣ କରାଯାଇଥିଲା। ଚାରାଗୁଡ଼ିକୁ କିପରି ରୋପଣ କରାଯିବ ଏବଂ ତାହାର ଯତ୍ନ କିଭଳି ନିଆଯିବା ଆବଶ୍ୟକ ସେ ସମ୍ପର୍କରେ ଫରେଷ୍ଟ ଗାର୍ଡ ସୁଶାନ୍ତ ସ୍ୱାଇଁ ଏବଂ ସୁମିତ ବିଶ୍ୱାସ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବୁଝାଇଥିଲେ । ବିଦ୍ୟାଳୟ ପରିସରରେ କାଜୁ, ସଜନା, ନିମ୍ବ, ଜାମୁକୋଳି ବେଲ, ପଣସ, ଆମ୍ବ, ପିସ୍ତାବାଦାମ ଭଳି ମୂଲ୍ୟବାନ ଚାରା ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଙ୍ଗୁରୁକୋଣ୍ଡା ସରପଞ୍ଚ ରେବତୀ କୁଞ୍ଜା, ବିଦ୍ୟାଳୟ ସଭାପତି, ଆନନ୍ଦ କବାସି, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ନବ କିଶୋର ମଲ୍ଲିକ, ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଧ୍ରୁବ ଚରଣ ନାୟକ ଶିକ୍ଷକ କମଳ ମାଝୀ, ମୁରଲୀଧର ମଲ୍ଲିକ, ଧବଳେଶ୍ୱର ଖମାରି, ଧନଞ୍ଜୟ ନାଗଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଜିଲା କୋର୍ଟ ପରିସରରେ ବନ ମହୋତ୍ସବ


ଜିଲା କୋର୍ଟ ପରିସରରେ ଅତିଥିମାନେ ଚାରାରୋପଣ କରୁଛନ୍ତି ।

ଜୟପୁର,୮।୭ (ପବନ ପାଣିଗ୍ରାହୀ)

ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା ଦୌରାଜଜ୍ ସତ୍ୟନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶରେ ଜିଲା କୋର୍ଟ ପରିସରରେ ଚାରାରୋପଣ କରାଯାଇଥିଲା। ଏଥିରେ ଜିଲା ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ମିଶ୍ର, ପରିବାର ଅଦାଲତ ବିଚାର଼ପତି ଡ.ପବିତ୍ର ମୋହନ ସାମଲ, ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ରାଜେଶ ଏକ୍କା, ଅତିରିକ୍ତ ଜିଲା ଜଜ୍ ସି.ଏଚ୍. ବାସୁଦେବ ପାତ୍ର, ସିଜେଏମ୍ ଦିଲ୍ଲୀପ ସାହୁ, ବରିଷ୍ଠ ଦେୱାନୀ ବିଚାର଼ପତି ରେଖାରାଣୀ ପଣ୍ଡା, ବରିଷ୍ଠ ଦେୱାନୀ ବିଚାର଼ପତି ଅଞ୍ଜାଳୀ ମାଛଖଣ୍ଡ, ପ୍ରାଧିକରଣ ସଚିବ୍ ସୁମନ ଜେନା, ରେଜିଷ୍ଟ୍ରାର ବି.ପ୍ରସାଦ ଦେବତା, ଏସଡ଼ିଜେଏମ୍ ସଞ୍ଜୟ ବାରିକ, ପ୍ରଥମଶ୍ରେଣୀ ବିଚାର଼ ବିଭାଗୀୟ ଦଣ୍ଡାଧିକାରୀ ଆଦର୍ଶ ବେହେରା, ଜିଲା ଓକିଲସଂଘ ସଭାପତି ବିରେଶ ପଟ୍ଟନାୟକ, ଉପସଭାପତି, ସମ୍ପାଦକ, ପ୍ୟାନେଲ ଆଇନୀବୀ, ଜୟପୁର ବାର ଆସୋସିଏଶନର ଆଇନଜୀବୀମାନେ ଉପସ୍ଥିତ ରହି ଚାରାରୋପଣ କରିଥିଲେ। କୋରାପୁଟ-ଜୟପୁରର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ସହଯୋଗ କରିଥିଲେ।

### ଚଳଚ୍ଚିତ୍ରରେ ଜାତି ଆକ୍ଷେପକୁ ବିରୋଧ
### ଥାନା ସମ୍ମୁଖରେ ମହାଦଳିତ ପାରି ସଂଘର ଧାରଣା

ଜୟପୁର,୮।୭(ପବନ ପାଣିଗ୍ରାହୀ ): ଓଡିଆ ଚଳଚ୍ଚିତ୍ର 'ପ୍ରିୟେ ତୁମେ ସିଏ'ରେ ଏକ ନିର୍ଦ୍ଦିଷ୍ଟ ଜାତିର ନାଁ ନେଇ ଆକ୍ଷେପ କରାଯିବା ଘଟଣାକୁ ମହା ଦଳିତ ପାରି ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏହାର ପ୍ରତିବାଦରେ ସଂଘ ପକ୍ଷରୁ ପାରାବେଡ଼ା ଛକରେ ଧାରଣା ଦିଆଯାଇଥିଲା । ଏଥିସହ ସଂଘର କର୍ମକର୍ତ୍ତା ଫିଲ୍ମର ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ପରେ ଜୟପୁର ଟାଉନଥାନା ସମ୍ମୁଖରେ ସଂଘର କର୍ମକର୍ତ୍ତାମାନେ ଧାରଣା ଦେଇଥିଲେ। ଏ ନେଇ ଟାଉନ ଥାନାରେ ଉକ୍ତ ଚଳଚ୍ଚିତ୍ରର ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତାଙ୍କ ନାଁରେ ଏତଲା ଦେଇଥିଲେ। ସେମାନଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏଥିରେ ସଂଘର ସଭାପତି ବୃନ୍ଦାବନ ଖରା, ସମ୍ପାଦକ ରାଜୀବ ଟାକ୍ରୀ, ଆଇନ ଉପଦେଷ୍ଟା ଜି.ମହେଶ୍, ଅରୁଣ କୁମାର ଖଡଗରାୟଙ୍କ ସହ ବହୁ କର୍ମକର୍ତ୍ତା ଭାଗ ନେଇଥିଲେ।

### ୫ଜଣିଆ ଡକାୟତି ଗ୍ୟାଙ୍ଗକୁ ଗିରଫ କଲା ଆର୍କୁ ପୋଲିସ

ନନ୍ଦପୁର, ୮।୭ (ଶଙ୍କର ପୂଜାରୀ)

ଆନ୍ଧ୍ରର ଆର୍କୁ ପୋଲିସ ଶନିବାର ଏକ ୫ଜଣିଆ ଡକାୟତି ଗ୍ୟାଙ୍ଗକୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ନନ୍ଦପୁର ବ୍ଲକ ଚାଟୁଆ ପଞ୍ଚାୟତ ଉପର କୋଣ୍ଡାପାଲି ଗ୍ରାମର ପର୍ଶୁରାମ ଖରା ଓ ସେମିଳିଗୁଡାର ଭାଗୀରଥି ଖୋସଲା ସାମିଲ ଥିବା ପାଡେର ଅତିରିକ୍ତ ଏସ୍‌ପି କେ. ଧୀରଜ କୁମାର କହିଛନ୍ତି। ଅନ୍ୟ ୩ଜଣ ହେଲେ ନନ୍ଦୁଲା ଗାଙ୍ଗୁଲୁ, ଜମାଲା ରାଙ୍ଗାମା ଓ ଖରା ଆପ୍ପାରାଓ। ଜୁନ ୧୫ରେ ଆର୍କୁ ସୁଙ୍କ୍ରାମେଟା ଗ୍ରାମରେ ଘଟିଥିବା ଡକାୟତି ଘଟଣାରେ ଏମାନଙ୍କ ସମ୍ପୃକ୍ତି ଥିଲା। ସମସ୍ତେ ମିଶି ୧ଲକ୍ଷ ୨୦ ହଜାର ଟଙ୍କା ସହ ୨ ତୋଳା ସୁନା ଲୁଟ୍ କରି ଫେରାର ଥିଲେ। ଡ଼କାୟତିରେ ସାମିଲ ଥିବା ୫ ଜଣଙ୍କୁ ଗିରଫ କରାଯାଇ ଶନିବାର କୋର୍ଟଚାଲାଣ କରାଯାଇଛି। ଭାଗୀରଥିଙ୍କ ନାମରେ ପୂର୍ବରୁ ଆନ୍ଧ୍ରର ବିଭିନ୍ନ ଥାନାରେ ୫ରୁ ଊର୍ଦ୍ଧ୍ୱ ଡକାୟତି ମାମଲା ରହିଥିବା ଅତିରିକ୍ତ ଏସ୍‌ପି କହିଛନ୍ତି।

## ଚିତ୍ରକୋଣ୍ଡାରେ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ



ମ୍ୟାଲେରିଆ ନିରାକରଣ ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଯାଉଛି ।

ଚିତ୍ରକୋଣ୍ଡା,୮।୭(କ୍ଷୀରୋଦ ବେହେରା)

ଆନ୍ଧ୍ର ଓଡିଶା ସୀମାନ୍ତ ଆଦିବାସୀ ଅଧୁଷିତ ଉପାନ୍ତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ଧୂଳିପୁଟ ପଞ୍ଚାୟତ ଚିନ୍ତଙ୍ଗାରୁ, ଚିଟମଚିଲିକା, ଜୁମଡାଙ୍ଗ ଗ୍ରାମରେ ମ୍ୟାଲେରିଆ ନିରାକରଣ 'ଦମନ' କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଛି । ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ ନନ୍ଦଙ୍କ ନିର୍ଦ୍ଦେଶରେ ହୋଇଥିବା ଏହି କାର୍ଯ୍ୟକ୍ରମ ଜିଲା ମ୍ୟାଲେରିଆ ଅଧିକାରୀ ଧନେଶ୍ୱର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ହୋଇଥିଲା। କୁଡୁମୁଲୁଗୁମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସନ୍ତୋଷ ଷଡ଼ଙ୍ଗୀ ସହଯୋଗ କରିଥିଲେ। ଏକ ଟିମ ଯାନବାଇ ସେକ୍ଟର ସୁପରଭାଇଜର ଶଶାଙ୍କ ଶେଖର କରଙ୍କ ସମେତ ଅନ୍ୟମାନେ ଏହି ମ୍ୟାଲେରିଆ ନିରାକରର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରତେକ ଗ୍ରାମର ପ୍ରତେକ ପରିବାରଙ୍କୁ ଏନେଇ ସଚେତନ କରାଯାଇଛି। ଗ୍ରାମବାସୀଙ୍କୁ ମ୍ୟାଲେରିଆ ରୋଗ କଣ, କିପରି ହୁଏ ଏହାର ଲକ୍ଷଣ, ଏବଂ ମ୍ୟାଲେରିଆର ଅପକାରିତା ସମ୍ପର୍କରେ ଅବଗତ କରାଯାଇଛି। ମ୍ୟାଲେରିଆ ନହେବାକୁ ଘର ଚାରି ପାଖା ସଫା ରଖିବା, ଘର ପାଖ ନାଳ ନର୍ଦ୍ଦମା ସଫା ରଖିବା, ଘର ଭିତରେ ଡ଼ିଡ଼ିଟି ସ୍ପ୍ରେ କରିବା, ମଶାରି ଟାଣି ଶୋଇବା ନିମେନ୍ତ ଡାକ୍ତର ଧନେଶ୍ୱର ମହାପାତ୍ର ପରାମର୍ଶ ଦେଇଥିଲେ ।

## ରୋପଣ କରାଯାଉଥିବା ଚାରାର ଯତ୍ନନେବାକୁ ପରାମର୍ଶ

### ଜିଲାସ୍ତରୀୟ ବନ ମହୋତ୍ସବ

ମାଲକାନଗିରି,୮।୭ (ଦୁର୍ଯ୍ୟୋଧନ ପାତ୍ର)

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବହୁସଂଖ୍ୟାରେ ଚାରାରୋପଣ ପ୍ରତି ଗୁରୁତ୍ୱାରୋପ କରାଯାଉଛି। ଚଳିତ ମାସ ୧ରୁ ଆରମ୍ଭ ହୋଇଥିବା ଅନ୍ତର୍ଜାତୀୟ ବନ ମହୋତ୍ସବ ଅବସରରେ ଶୁକ୍ରବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇ ଜିଲାସ୍ତରୀୟ ବନ ମହୋତ୍ସବ ପାଳନ କରାଯାଇଛି। ଏଥିରେ ଜିଲା ଦୌରା ଜଜ୍ ଅଜନ୍ତା ଷଡ଼ଙ୍ଗୀ, ଅତିରିକ୍ତ ଜିଲା ଜଜ୍ ଉଦୟଭାନୁ ଜେନା, ମୁଖ୍ୟ ଜୁଡିସିଆଲ ମାଜିଷ୍ଟ୍ରେଟ ସତ୍ୟପ୍ରିୟ ଦାସ, ସିଭିଲ ଜଜ୍ ବିଜୟ ଦାସ, ଆଇନସେବା ପ୍ରାଧିକରଣ ସଚିବ ରାକେଶ ମୁଦୁଲି, ରେଜଷ୍ଟ୍ରାର ଅରୂପ ନାୟକ, ସିଭିଲ ଜଜ୍ ରୁଦ୍ରପ୍ରକାଶ ନାୟକ, ସିଭିଲ ଜଜ୍ ଦେବେନ୍ଦ୍ରନାଥ ବାଗ, ଡିଏଫ୍‌ଓ ପ୍ରତାପ କତାପାଲ୍ଲି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ ନନ୍ଦ ପ୍ରମୁଖ ଯୋଗଦେଇ ଶତାଧିକ ଚାରାରୋପଣ କରିଥିଲେ। ବନ ବିଭାଗ ପକ୍ଷରୁ ଚାରା ପ୍ରଦାନ କରାଯାଇଛି। ଏହି ଚାରାଗୁଡ଼ିକର ଯତ୍ନନେଇ ବଢ଼ାଇବାକୁ ବନ ବିଭାଗ ଦୃଷ୍ଟିଦେବା ଆବଶ୍ୟକ ବୋଲି ଦୌରାଜଜ୍ ଷଡ଼ଙ୍ଗୀ କହିଥିଲେ। ଏହି ଅବସରରେ ବନ ବିଭାଗ ପକ୍ଷରୁ ମାଲକାନଗିରି ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ୨୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ମାଲକାନଗିରି ବନାଞ୍ଚଳ ଅଧିକାରୀ ଜଗନ୍ନାଥ ପ୍ରସାଦ ବିଶୋୟୀ ପରିଚାଳନା କରିଥିଲେ।



ବନ ମହୋତ୍ସବ ଅବସରରେ ଅତିଥିମାନେ ଚାରାରୋପଣ କରୁଛନ୍ତି।

## ବ୍ଲକର ସାପ୍ତାହିକ ହାଟ,ଶୀତଳ ଭଣ୍ଡାର ପ୍ରତିଷ୍ଠା ନେଇ ଦାବିପତ୍ର

### ଉନ୍ନୟନ ବିକାଶ ପରିଷଦ ବୈଠକ

ନନ୍ଦପୁର, ୮।୭(ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ବୈଠକ ବିଡିଓ ସୁଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥିଭାବେ ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝୀ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝୀ, ପଟାଙ୍ଗି ବିଧାୟକ ପୀତମ୍ ପାଢ଼ୀ ଯୋଗ ଦେଇଥିଲେଧି। ବୈଠକରେ ଏସଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ, ଉପାଧ୍ୟକ୍ଷ ଗୋପାଳ ହନ୍ତାଳ, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଏସଡିସି ସଦସ୍ୟ ଉର୍ମିଳା ମୁଦୁଲି, ଆକାଶ ଖିଲଙ୍କ ସମେତ ୨୩ ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ସାଂସଦ ତଥା ନବ ନିଯୁକ୍ତ ଜିଲ୍ଲା ବିଜେଡ଼ି ସଭାପତି ଜିନୋ ହିକକା, ପଟାଙ୍ଗି ନିର୍ବାଚନ ମଣ୍ଡଳୀ ବିଜେଡି ପର୍ଯ୍ୟବେକ୍ଷକ ବାଲା ରାୟ ଯୋଗ ଦେଇଥିଲେ। ରାଜ୍ୟ ସରକାର ଆଦିବାସୀଙ୍କ ସଂସ୍କୃତି ରକ୍ଷା କରିବା ସହ ଆଦିବାସୀଙ୍କ ଜୀବନ ଜୀବିକାରେ ସହାୟକ ହେବାକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି ବୋଲି ରାଜ୍ୟ ଉପଦେଷ୍ଟା ପ୍ରଦୀପ ମାଝୀ କହିଥିଲେ। ଆଗାମୀ ଦିନରେ ଆଦିବାସୀଙ୍କ ଜୀବନ ଜୀବିକା ଓ ଗରିବ ଆଦିବାସୀ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ପାଇଁ ସହାୟତା ପ୍ରଦାନ କରିବାକୁ ଅଧିକା ଅନୁଦାନ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ବୈଠକରେ ବିଡିଓ ସୁଜିତ ମିଶ୍ର ଓ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ ବ୍ଲକରେ ଥିବା ସାପ୍ତାହିକ ହାଟ ଗୁଡ଼ିକର ଉନ୍ନତିକରଣ, ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର ନିର୍ମାଣ ନିମନ୍ତେ ରାଜ୍ୟ ଉପଦେଷ୍ଟା ମାଝୀଙ୍କୁ ଦାବିପତ୍ର ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନନ୍ଦପୁର ଏସଡିପିଓ ସଞ୍ଜୟ ମହାପାତ୍ର, ବିପିଏମ ବିଚିତ୍ରା ରାଉତ, ମିଶନ ଶକ୍ତିର କର୍ମକର୍ତ୍ତା ଓ ସିଆରପିମାନେ ଉପସ୍ଥିତ ଥିଲେ। ଜିପିଓ ବେଦାନ୍ତ ମାଝୀ ସଭା ସାଙ୍ଗ ପାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ।


ବୈଠକରେ ଅତିଥିମାନେ ବିଭିନ୍ନ ବିଷୟରେ ଆଲୋଚନା କରୁଛନ୍ତି ।

